# Akashvani, Sambalpur

## SAMBALPURI NEWS BULLETIN

### 19 March 2024- 6.47- 6.52 am.

*********************************************

ସିଏପିଏଫ୍ -ଏସ୍ଏପିଏଫ୍ ଆର୍ଏନ୍ୟୁ / ସମ୍ବଲପୁର

ନିର୍ବାଚନ ସମିଆଥି କେନ୍ଦ୍ରୀୟ ସଶସ୍ତ୍ର ବାହିନୀ-ସିଏପିଏଫ୍ ଆର୍ ରାଜ୍ୟ ସଶସ୍ତ୍ର ବାହିନୀ ଏସ୍ଏପିଏଫ୍ ମୁତୟନ ବାବ୍ଦେ ଭୁବ୍ନେଶ୍ୱର୍ ନ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ରାଏଜେ ଭିନ୍ ଭିନ୍ କ୍ଷେପେ ହେବାର୍କେ ଥିବା ସାଧାରଣ ନିର୍ବାଚନ୍ ପରିପ୍ରେକ୍ଷୀଥି ଜିଲ୍ଲାମାନ୍କର୍ ଆବଶ୍ୟକତାକେ ନଜର୍ଥି ରଖିକରି କେନ୍ତା ପୁଲିସ୍ ମୁତୟନ କରାଯିବା ସେବିଷେ ବୈଠକ୍ଥି ଆଲୋଚନା କରାଯାଇଛେ । ଇଭିଏମ୍ କମିଶନିଂ ନୁ ନେଇକରି ଷ୍ଟ୍ରଙ୍ଗ୍ରୁମ୍ ନ କଡ଼ାସୁରକ୍ଷା ବ୍ୟବସ୍ଥା ଆଉ ଭୋଟ୍ ଦିନ୍ମାନ୍କେ ନିର୍ବାଚନ୍ ଯେନ୍ତା ସୁରୁଖୁରୁଥି ହେବା ସେଥିର୍ଲାଗି ପୁଲିସ୍ ପ୍ରଶାସନ୍ ତର୍ଫୁ ସବୁ ବ୍ୟବସ୍ଥା କର୍ବାର୍କେ ଆଲୋଚନା କରାଯାଇଥିଲା ।

ବୈଠକ୍‌ରେ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା, ରାଜ୍ୟ ଗୃହବିଭାଗ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ୍ କୁମାର୍ ଷଡ଼ଙ୍ଗିଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବିଏଲ୍‌ଓ- ମିତାଦିଦି ପ୍ରେସ୍ ରିଲିଜ୍

ନିର୍ବାଚନ୍ କମିଶନ୍‌ଙ୍କର୍ ବୁଥ୍ ସ୍ତରୀୟ ଅଧିକାରୀ-ବିଏଲ୍‌ଓ ପତ୍ରିକାରେ ମିତା ଦିଦି ମାସ୍‌କଟ୍ ହିସାବେ ଠାନ୍ ପାଇଥିବାର୍‌ନୁ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସବୁ ବିଏଲ୍‌ଓ ମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ । ଭୋଟର୍ ତାଲିକା ସଂଶୋଧନ୍, ନିର୍ବାଚନ୍ ପରିଚାଲନା ପ୍ରକ୍ରିୟାରେ ତୃଣମୂଳସ୍ତର୍ ନ ବୁଥ୍‌ସ୍ତରୀୟ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲେଇଥିସନ୍ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଳ କହିଛନ୍ । ସେ କହିଛନ୍ ଯେ, ସାଧାରଣ ନିର୍ବାଚନ୍‌ରେ ସବୁ ବୁଥ୍‌ସ୍ତରୀୟ ଅଧିକାରୀମାନେ ଗଣତନ୍ତ୍ରର୍ ଜାଗ୍ରତ୍ ପ୍ରହରୀ ଭାବେ କାମ୍ କର୍‌ବେ । ନିର୍ବାଚନ୍ କମିଶନ୍‌ଙ୍କର୍ ବୁଥ୍‌ସ୍ତରୀୟ ଅଧିକାରୀ ପତ୍ରିକାର୍ ୧୦ ନମ୍ବର୍ ସଂସ୍କରଣରେ ମିତା ଦିଦି ଠାନ୍ ପାଏବାର୍‌ଟା ସବୁ ବୁଥ୍‌ସ୍ତରୀୟ

ଅଧିକାରୀ ଆଉ ସାରା ରାଜ୍ୟର୍ ଲାଗି ଗର୍ବର୍ ବିଷୟ ଆଏ ବଲି ଶ୍ରୀ ଧଳ କହିଛନ୍ ।

ଏସ୍ଆର୍ସି-ଗ୍ରୀଷ୍ମ ପ୍ରବାହ ଆର୍ଏନ୍ୟୁ / ସମ୍ବଲପୁର

ଗ୍ରୀଷ୍ମପ୍ରବାହକେ ନଜରଥି ରଖିକରି ନିର୍ବାଚନ୍ ସମିଆଥି ଦର୍କାରୀ ପଦକ୍ଷେପ୍ ନେବାର୍କେ ସ୍ୱତନ୍ତ୍ର ରିଲିଫ୍ କମିସନର୍ ସବୁ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ସମିଆଥି ପାନୀୟ ଜଳ ବ୍ୟବସ୍ଥା, ଅସ୍ଥାୟୀ ଆଶ୍ରୟ ସ୍ଥଳୀ, ସର୍କାରୀ ଆଉ ଘରୋଇ ସ୍କୁଲ୍ର ସମୟ ସାରଣୀଥି ପରିବର୍ତ୍ତନ୍, ଉନ୍ନତମାନର ମେଡ଼ିକାଲ୍, ଜରୁରୀକାଳୀନ ସେବା ଆଉ ସ୍ୱାସ୍ଥ୍ୟ ବାବ୍ଦେ ପଦକ୍ଷେପ୍ ନେବାର୍କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ପରାମର୍ଶ ଦେଇଛନ୍ ।

ଶ୍ରୀକ୍ଷେତ୍ର ପୁରୀ-ନୀତି ଆର୍ଏନ୍ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏବା ୨୫ ତାରିଖ୍ ଦୋଳପୂର୍ଣ୍ଣିମା ଦିନ ଶ୍ରୀଜୀଉମାନ୍କର୍ ସ୍ୱତନ୍ତ୍ର ନୀତି ନିର୍ଘଂଟ ଥିର୍ କରାଯାଇଛେ । ଗଲାକାଏଲ୍ ହେଇଥିବା ଛତିଶା ନିଯୋଗ ଆଉ ନୀତି ସବ୍କମିଟି

ବୈଠକ୍‌ଥି ମାହାପୁରୁମାନ୍‌କର୍ ନୀତିକାନ୍ତି ବାବ୍‌ଦେ ନିଷ୍ପତି ନିଆଯାଇଛେ । ଦୋଲପୂର୍ଣ୍ଣିମା ଦିନ ରାତି ୩ ବଜେନୁ ଦୁଆରଫିଟା, ୪ ବଜେ ମଙ୍ଗଳ ଆଲତୀ, ସଖାଲର୍ ୮ ବଜେ ନାଭିକଟା ମଣ୍ଡପକେ ମାହାପୁରୁ ବିଜେ ଉତ୍‌ରୁ  ରାଜାଧିରାଜ ବେଶ ହେବା । ଇତାର୍ ଉତ୍‌ରୁ ବିମାନ୍‌କେ ମାହାପୁରୁଙ୍କୁ ବିଜେ କରାଯିବା । ପଛେ ଗୋପାଳ ବଲ୍ଲଭ  ଆଉ ସକାଲ ଧୂପ, ଭୋଗମଣ୍ଡପ, ଦୋଲବେଦୀ ନୀତି ସାରିକରି ଶ୍ରୀଜୀଉମାନେ ରାତି ୯ ବଜେ ବାହୁଡ଼ା ବିଜେ କର୍‌ବେ । ଇତାର୍‌ଉତ୍‌ରୁ ରାଜାଧିରାଜ ବେଶ, ମଇଲମ, ସନ୍ଧ୍ୟା ଆଲତୀ, ବଡ଼ସିଂହାର ବେଶ ଆଉ ରାତି ୩ ବାଜିକରି ୪୫ ମିନିଟ୍‌ଥି ମାହାପୁରୁଙ୍କର୍ ପହୁଡ଼ ନୀତି ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ-ଜାତୀୟ ସମ୍ମିଳନୀ/ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ଜୀବ ବିଜ୍ଞାନ୍ ବିଭାଗ୍ ନ  ଶିଳ୍ପାଂଚଳ ପ୍ରଦୂଷଣ ଆଉ ପରିବେଶ ଶୀର୍ଷକ ୨ ଦିନିଆ ଜାତୀୟ ସମ୍ମିଳନୀ- ହେଇଯାଇଛେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ବିଧୁଭୂଷଣ

ମିଶ୍ର ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ବିଜ୍ଞାନ୍ କ୍ଷେତ୍ରଥି ଶିଳ୍ପାୟନର ପ୍ରୟୋଗିକତା ବାବ୍‌ଦେ ଆଲୋଚନା କରିଥିଲେ । ଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର୍ ମେଡ଼ିସିନ୍ ଏଣ୍ଡ ଏଲାଏଡ୍ ସାଇନ୍ସର ବୈଜ୍ଞାନିକ୍ ଡକ୍ଟର୍ ପବନ୍ ଅଗ୍ରୱାଲ୍ ସମ୍ମିଲନୀଥି ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ । ଇଥି ରାଜ୍ୟ ଆଉ ଦେଶର୍ ଭିନ୍ ଭିନ୍ ଜାଗା ନୁ ଗବେଷକମାନେ ଯୋଗ୍‌ଦେଇକରି ସନ୍ଦର୍ଭ ପାଠ କରିଥିଲେ ।

ପଶ୍ଚିମ ଓଡ଼ିଶା ସଂକୀର୍ତନ୍ ପରିଷଦ          ହି.ସ.

ପଶ୍ଚିମ ଓଡ଼ିଶା ସଂକୀର୍ତନ୍ ପରିଷଦ୍‌ର ୧୩ ନମ୍ବର୍ ବାର୍ଷିକ ଉତ୍ସବ୍ ଆଏବା ୩୧ ତାରିଖ୍ ଦିନ ବଲାଙ୍ଗିର୍ ନ ହେବା ବଲି ପରିଷଦ୍‌ର କାର୍ଯ୍ୟକାରୀ କମିଟି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ସଂକୀର୍ତନ୍ କଲାକାର୍‌ମାନେ ସାମ୍ନା କରୁଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରାଯିବା । ଉତ୍ସବ୍‌ଥି କନ୍ଧମାଲ୍ ସହେତେ ପଶ୍ଚିମ୍ ଓଡ଼ିଶାର୍ ୧୧ ଟା ଜିଲ୍ଲାର୍ ସଂକୀର୍ତନ୍ କଲାକାର୍‌ମାନେ ଯୋଗ୍ ଦେବେ । ଇ ଅବ୍‌ସରେ ଗୁଟେ ସ୍ମରଣିକା ବାହାର୍ କରାଯିବାର୍ ସହେତେ ପଶ୍ଚିମ ଓଡ଼ିଶାର୍ ବିଶିଷ୍ଟ

ସଂକୀର୍ତନ୍ କଳାକାର୍‌ମାନ୍‌କୁ ସମ୍ମାନିତ୍ କରାଯିବାର୍‌କେ ନିଷ୍ପତି ହେଇଛେ ।

ମହମ୍ମଦ୍ ମୋକିମ                    ଆର୍‌ଏନ୍‌ୟୁ /  ସମ୍ବଲପୁର

ବାରବାଟୀ କଟକ୍ ବିଧାୟକ୍ ମହମ୍ମଦ୍ ମୋକିମ୍‌ଙ୍କର୍ ନିର୍ବାଚନ୍‌କେ ଓଡ଼ିଶା ହାଇକୋର୍ଟ ଅସିଦ୍ଧ ଘୋଷ୍‌ନା କର୍‌ବାର୍ ନିଷ୍ପତି ଉପ୍‌ରେ ସୁପ୍ରିମ୍‌କୋର୍ଟ ରହିତାଦେଶ ଜାରି କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୦୧୯ ନିର୍ବାଚନ୍‌ରୁ ଶ୍ରୀ ମୋକିମ୍‌ଙ୍କର୍ ଠାନୁ ହାରିଥିବା ଆଘର୍ ବିଧାୟକ୍ ଦେବାଶିଷ ସାମନ୍ତରାୟଙ୍କର୍ ତର୍‌ଫୁ ସତ୍ୟପାଠରୁ ଭୁଲ୍ ତଥ୍ୟ ଦିଆଯାଇଥିବାର୍ କହିକରି ସେ ହାଇକୋର୍ଟ ନ ଗୁଟେ ମାମ୍‌ଲା ରୁଜୁ କରିଥିଲେ । ନିର୍ବାଚନ୍‌କେ ଓଡ଼ିଶା ହାଇକୋର୍ଟ  ଅସିଦ୍ଧ ଘୋଷ୍‌ନା କର୍‌ବାର୍ ଉତ୍‌ରୁ ଶ୍ରୀ ମୋକିମ୍ ସୁପ୍ରିମ୍‌କୋର୍ଟ ଯାଇଥିଲେ ।

ବଲାଙ୍ଗିର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀ/ଆର୍‌ଏନ୍‌ୟୁ /ସମ୍ବଲପୁର

ବଲାଙ୍ଗିର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀ କ୍ଷେତ୍ର ନ ନିର୍ବାଚନ୍ ପରିଚାଲନା ଲାଗି ୫ ଝନ୍ ରିଟର୍ଣ୍ଣିଂ ଅଫିସର୍ ଆର୍ ୧୦ ଝନ୍ ଅତିରିକ୍ତ ରିଟର୍ଣ୍ଣିଂ ଅଫିସର୍‌ଙ୍କୁ ନିୟୋଜିତ କରାଯାଇଛେ ବଲି ଜିଲ୍ଲାପାଲ୍ ଗୌର ଶିବାଜୀ ଇସନ୍‌ୱାର୍ ସୂଚନା ଦେଇଛନ୍ । ବଲାଙ୍ଗିର୍ ଠାନେ ଜିଲ୍ଲା ନ ନିର୍ବାଚନ୍ ପରିଚାଲନା ଲାଗି ପ୍ରଶାସନିକ୍ ପ୍ରସ୍ତୁତି ବାବ୍‌ଦେ ସୂଚ୍‌ନା ଦେଇକରି ଜିଲ୍ଲାପାଲ୍ କହିଛନ୍ ଯେ, ନିର୍ବାଚନ୍‌ଥି ୧୧ ହଜାର୍ ଶହେ ୪୧ ଝନ୍ ପୁଲିଂ କର୍ମଚାରୀ ନିୟୋଜିତ୍ କରାଯିବା । ଇତାର୍‌ସହେତେ ୨୦ ପ୍ରତିଶତ୍ କର୍ମଚାରୀଙ୍କୁ ସଂରକ୍ଷିତ ରଖାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ କାଲବୈଶାଖୀ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ଲାଗି ରହିଛେ । ଆଏଜ୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ଅଲ୍‌ଗା ଜିଲ୍ଲାମାନ୍‌କେ ଜବର୍ ଧୁକାଗର୍ଡ଼ି ସହେତେ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ ବିଭାଗ୍ ତରଫୁ କୁହାଯାଇଛେ ।